# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 29 September – 2025

*********************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ୨୭ତମ ବୈଠକ ଅନୁଷ୍ଠିତ; ତିନୋଟି ବିଭାଗର ଚାରୋଟି ପ୍ରସ୍ତାବକୁ ମିଳିଲା ମଞ୍ଜୁରୀ
- ପୂର୍ବୋଦୟ ମିଶନରେ ବିକଶିତ ଓଡ଼ିଶା ଓ ଭାରତର ମାର୍ଗଦର୍ଶନର ପ୍ରତୀକ ଶାନ୍ତିସ୍ତୂପ ଧଉଳି; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ମହାଷ୍ଟମୀ ପୂଜା ସହ ମଣ୍ଡପଗୁଡ଼ିକରେ ଚାଲିଛି ମା' ଦୁର୍ଗାଙ୍କ ମହାସପ୍ତମୀ ପୂଜା

ଏବଂ

- ହୃତପିଣ୍ଡର ଯତ୍ନ ଓ ଏହା ସମ୍ପର୍କରେ ଲୋକଙ୍କୁ ସଚେତନତା କରିବା ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ହୃତପିଣ୍ଡ ଦିବସ

BBSR/R

# କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ୨୭ତମ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟର ବିକାଶ ସହ ଜଡ଼ିତ ୩ଟି ବିଭାଗର ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଶ୍ରମ ବିଭାଗର ବାଣିଜ୍ୟ ପ୍ରତିଷ୍ଠାନ ଆଇନ ୧୯୫୬, କାରଖାନା ଆଇନ ୧୯୪୮ର ୬୩ତମ ଆଇନ ସଂଶୋଧନ କରାଯାଇଛି । ମହିଳା କର୍ମଚାରୀଙ୍କ ସମ୍ମତିପତ୍ର ଆଧାରରେ ସେମାନେ ରାତିରେ କାର୍ଯ୍ୟ କରିପାରିବେ । ସେହିଭଳି କର୍ମଚାରୀମାନଙ୍କର ଦୈନିକ କାର୍ଯ୍ୟନିର୍ଘଣ୍ଟ ଅବଧିକୁ ସରକାର ୯ ଘଣ୍ଟାରୁ ୧୦ ଘଣ୍ଟାକୁ ବୃଦ୍ଧି କରିଛନ୍ତି । ସପ୍ତାହକୁ ୪୮ ଘଣ୍ଟାରୁ ଅଧିକ କାର୍ଯ୍ୟ କଲେ କର୍ମଚାରୀଙ୍କୁ ଅଧିକ ପାରିଶ୍ରମିକ ଦିଆଯିବ । ତ୍ରୈମାସିକ ଅତିରିକ୍ତ କାର୍ଯ୍ୟକୁ ୧୪୪ ଘଣ୍ଟାକୁ ବୃଦ୍ଧି କରାଯାଇଛି । ଗଣଶିକ୍ଷା ବିଭାଗର ଗୋଦାବରୀଶ ପ୍ରାଥମିକ ବିଦ୍ୟାଳୟ ଯୋଜନାକୁ କ୍ୟାବିନେଟ୍ର ମଞ୍ଜୁରୀ ମିଳିଛି । ପୂର୍ତ୍ତ ବିଭାଗ ଅଧୀନରେ ଘଟଗାଁ ତାରିଣୀ ପୀଠ ପାରିପାର୍ଶ୍ୱର ବିକାଶ ପାଇଁ ୧୪୬ କୋଟି ଟଙ୍କାର ପ୍ରକଳ୍ପକୁ କ୍ୟାବିନେଟ୍ରେ ଅନୁମୋଦନ ମିଳିଛି । ବୈଠକ ପରେ ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି...

**- V/O -**

PR

## ଧର୍ମେନ୍ଦ୍ର ପ୍ରଧାନ- ଧଉଳି ପରିଦର୍ଶନ

ପୂର୍ବୋଦୟ ମିଶନରେ ବିକଶିତ ଓଡ଼ିଶା ଓ ଭାରତର ମାର୍ଗଦର୍ଶନର ପ୍ରତୀକ ଧଉଳି ବୋଲି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭୁବନେଶ୍ୱରସ୍ଥିତ ଶାନ୍ତିସ୍ତୂପ ଧଉଳିକୁ ଆଜି ପରିଦର୍ଶନ କରି ଶ୍ରୀ ପ୍ରଧାନ’ ମନ୍ଦିରର ପାଦଦେଶରେ ଥିବା  ଐତିହ୍ୟସ୍ଥଳୀ ଓ ଦର୍ଶନୀୟ ସ୍ଥାନ ବୁଲି ଦେଖିଛନ୍ତି। କଳିଙ୍ଗ ସାମ୍ରାଜ୍ୟର ଐତିହ୍ୟ ଭିତ୍ତିରେ ପ୍ରସ୍ତୁତ ପାଇଁ ସରକାର ଚେଷ୍ଟା ଜାରି ରଖିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ପ୍ରାଚୀନ କଳିଙ୍ଗର ରାଜନୀତି, ସଂସ୍କୃତି, ଧର୍ମ ଏବଂ ଲିପିର ଇତିହାସ ଜାଣିବା ପାଇଁ ଏହି ଶିଳାଲେଖ ଅମୂଲ୍ୟ ଭଣ୍ଡାର। ଭାରତକୁ ସ୍ୱଦେଶୀ ଅର୍ଥନୀତି ସହ ଯୋଡ଼ିବା, ପରିବେଶକୁ ସ୍ୱଚ୍ଛ ରଖିବା ଏବଂ ଆର୍ଥିକ ଅଭିବୃଦ୍ଧିକୁ ଗତି ଦେବା ପାଇଁ ସାମୂହିକ ଉଦ୍ୟମ କଲେ ବିକଶିତ ଓଡ଼ିଶା ଓ ଭାରତର ଲକ୍ଷ୍ୟ ସାକାର ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

Desk

## ରିଜର୍ଭ ବ୍ୟାଙ୍କ୍ ବୈଠକ

କେନ୍ଦ୍ର ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଭାବେ ଶିରିଶି ଚନ୍ଦ୍ର ମୁର୍ମୁଙ୍କୁ ନିଯୁକ୍ତି ଦେଇଛନ୍ତି। ଶ୍ରୀ ମୁର୍ମୁ ଆସନ୍ତା ମାସ ୯ ତାରିଖରେ ଦାୟିତ୍ୱ ଗ୍ରହଣ କରିବା ସହ ଏହି ପଦବୀରେ ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ରହିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂତନ ଭାବେ ନିଯୁକ୍ତି

ପାଇଥିବା ଡେପୁଟି ଗଭର୍ଣ୍ଣର ଶ୍ରୀ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆର୍‌ବିଆଇରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ତାଙ୍କର ଦୀର୍ଘଦିନର ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତା ଦେଶର ଆର୍ଥିକ ବ୍ୟବସ୍ଥା ଓ ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବ ବୋଲି ଶ୍ରୀ ମାଝୀ କହିଛନ୍ତି।

CTC

## ବାଲିଯାତ୍ରା

ଐତିହାସିକ ବାଲିଯାତ୍ରା କଟକର’ ଉପର ପଡ଼ିଆରେ  ଆୟୋଜନ ପ୍ରସଙ୍ଗ ନେଇ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କ ଆବାସିକ ବାସଭବନରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜନପ୍ରତିନିଧିମାନେ ଉପର ପଡ଼ିଆରେ ବାଲିଯାତ୍ରାର ଆୟୋଜନ ସପକ୍ଷରେ ମତ ରଖିଛନ୍ତି। ବାଲିଯାତ୍ରା ଐତିହ୍ୟ ସହ ଉପର ପଡ଼ିଆର ସମ୍ପର୍କ ଥିବାରୁ ଏହି ପଡ଼ିଆକୁ ସମ୍ପୂର୍ଣ୍ଣ ବାଦ ଦେଇ ବାଲିଯାତ୍ରା ଆୟୋଜନ ହୋଇପାରିବ ନାହିଁ ବୋଲି ଜନପ୍ରତିନିଧିମାନେ କହିଛନ୍ତି। ଆସନ୍ତା ୯ ତାରିଖରେ ହାଇକୋର୍ଟରେ ବାଲିଯାତ୍ରା ଆୟୋଜନ ନେଇ ଶୁଣାଣି ହେବ। ଶୁଣାଣି ସମୟରେ ଜନପ୍ରତିନିଧିମାନଙ୍କ ମତାମତକୁ ହାଇକୋର୍ଟଙ୍କ ଆଗରେ ଉପସ୍ଥାପନ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ସିନ୍ଧେ କହିଛନ୍ତି।

Koraput/Nabarangpur/BHK

## ମହାସପ୍ତମୀ

ନବରାତ୍ରୀ ପାଳନ ଅବସରରେ ଆଜି ରାଜ୍ୟର ଶକ୍ତିପୀଠଗୁଡ଼ିକରେ ମହାଷ୍ଟମୀ ପୂଜା ଏବଂ ପୂଜାମଣ୍ଡପଗୁଡ଼ିକରେ ମୃଣ୍ମୟୀ ପ୍ରତିମାଙ୍କ ସପ୍ତମୀ ପୂଜା ଅବସରରେ ଦେବୀ ଦୁର୍ଗା ମହାଗୌରୀ ବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀ' ମହାକାଳୀ ବେଶରେ  ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ରାତ୍ରି ୯ଟା ୩୦ ମିନିଟ୍ ପରେ ମା'ଙ୍କୁ ମହାସ୍ନାନ କରାଯିବ।

ଭଦ୍ରକ ଜିଲ୍ଲା ଆରଡ଼ିର ବାବ ଆଖଣ୍ଡମଳୀଙ୍କ ପୀଠରେ ମା' ଜୟଦୁର୍ଗାଙ୍କ ଆଜି ମହାଷ୍ଟମୀରେ ସିଂହବାହିନୀ ବେଶ ଅନୁଷ୍ଠିତ ହେବ। ଜିଲ୍ଲାର ୭ଟି ବ୍ଲକ ଓ ୪ଟି ପୌରାଞ୍ଚରେ ଶତାଧିକ ଦେବୀ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଉଛି।

ନବରଙ୍ଗପୁରର ମା' ଭଣ୍ଡାରଘରଣୀଙ୍କ ପୀଠରେ ମହାଷ୍ଟମୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଜୟାଦଶମୀ ପାଇଁ ଜିଲ୍ଲାର ବିଭିନ୍ନ ଗ୍ରାମରୁ ଗ୍ରାମଦେବତୀଙ୍କ ପ୍ରତୀକ ଲାଠିଙ୍କର ଆଗମନ ଆରମ୍ଭ ହୋଇଛି। ମା'ଙ୍କ ପୀଠରେ ମହାସପ୍ତମୀ ଅବସରରେ ଆଜି ଅପରାଜିତ ପୂଜା ଅନୁଷ୍ଠିତ ହୋଇଥିଲା।

କୋରାପୁଟ ଜିଲ୍ଲାର ଭଗବତୀ, ଦକ୍ଷିଣକାଳୀ, ମୁଟ୍ୟାଲମ୍ମା ଓ ବିରିକୋମ୍ବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିକ୍ଷଲିତ ହୋଇଛି।

Desk

## ଜିଏସ୍‌ଟି- ସ୍ୱାସ୍ଥ୍ୟସେବା

କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ୨୨ ତାରିଖରେ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଦେଶବ୍ୟାପୀ ଲାଗୁ କରାଯାଇଛି। ଏହାକୁ ବିଭିନ୍ନ ମହଲ ଓ ବର୍ଗର ଜନସାଧାରଣଙ୍କ ପକ୍ଷରୁ ସ୍ୱାଗତ କରାଯାଉଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜିଏସ୍‌ଟି-୨.୦ ଅଧୀନରେ କର୍କଟ ଏବଂ ଗୁରୁତର ରୋଗର ଚିକିତ୍ସା ପାଇଁ ବ୍ୟବହୃତ ୩୬ଟି ଜୀବନରକ୍ଷାକାରୀ ଔଷଧ ଉପରେ ଟିକସ ଛାଡ଼ କରାଯାଇଛି। ଗଜ୍, ବ୍ୟାଣ୍ଡେଜ୍, ଡାଇଗ୍ନୋଷ୍ଟିକ୍ କିଟ୍ ଏବଂ ଥର୍ମୋମିଟର ଭଳି ଅତ୍ୟାବଶ୍ୟକ ଔଷଧ ଓ ଚିକିତ୍ସା ଉପକରଣ ଉପରେ ଜିଏସ୍‌ଟି ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ସେହିଭଳି ସ୍ୱାସ୍ଥ୍ୟ ଏବଂ ଜୀବନବୀମା ପ୍ରିମିୟମ୍ ଉପରେ ଜିଏସ୍‌ଟି ହାର ସମ୍ପୂର୍ଣ୍ଣ ଟିକସ ମୁକ୍ତ କରାଯାଇଛି।

Desk

# ସେବାପର୍ବ-ରେଲୱେ

**Seba Parba Opening- ST**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା କେନ୍ଦ୍ର ସରକାର ଭାରତୀୟ ରେଳକୁ ଯାତ୍ରୀଙ୍କ ପାଇଁ ଅଧିକ ସୁରକ୍ଷିତ ଏବଂ ସୁଗମ କରିବା ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ଦଶନ୍ଧିରେ ଭାରତୀୟ ରେଳବାଇ କ୍ଷେତ୍ରରେ ଅନେକଗୁଡ଼ିଏ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଭାରତର ରେଳବାଇ କ୍ଷେତ୍ରରେ ଏକ ବିପ୍ଲବ ଆସିବା ସହ ଦେଶର ଜୀବନରେଖାକୁ ପ୍ରଗତିର  ଶକ୍ତିଶାଳୀ ଅଗଗ୍ରତିରେ ପରିଣତ ହୋଇଛି । ଯାତ୍ରୀମାନଙ୍କୁ ଅଧିକ ଆରାମଦାୟକ, ସୁରକ୍ଷିତ ଏବଂ ବିଶ୍ୱସ୍ତରୀୟ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବା ପାଇଁ ଭାରତୀୟ ରେଳପଥକୁ ଗତ ଦଶନ୍ଧିରେ ରୂପାନ୍ତରିତ କରାଯାଇଛି । କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତୀୟ ରେଳପଥ ସଂଯୋଗରେ ଯାତାୟାତ ସହଜସାଧ୍ୟ ହୋଇପାରିଛି । ଉଦ୍ଧମପୁର–ଶ୍ରୀନଗର–ବାରମୁଲା ରେଳଲାଇନ୍‌ର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ କହିଛନ୍ତି...

**V/O (PM)**

ରେଳଯାତ୍ରାକୁ ଅଧିକ ନିରାପଦ ଏବଂ ସୁଗମ କରିବା ପାଇଁ ଅମୃତ ଭାରତ ଟ୍ରେନ୍ ଏବଂ ନମୋ ଭାରତ ଦ୍ରୁତଗାମୀ ଟ୍ରେନ୍ ପ୍ରଚଳନ କରାଯାଇଛି । ଆଗାମୀ ଦୁଇରୁ ତିନିବର୍ଷ ମଧ୍ୟରେ ୨୦୦ଟି ନୂତନ ବନ୍ଦେ ଭାରତ ଟ୍ରେନ୍, ୧୦୦ଟି ଅମୃତ ଭାରତ, ୫୦ଟି ନମୋ ଭାରତ ଏବଂ ୧୭ ହଜାର ୫୦୦ ବିନା ବାତାନୁକଳିତ ସାଧାରଣ ବଗିର ଆରମ୍ଭ କରାଯିବା ପାଇଁ ସରକାରଙ୍କ ଯୋଜନା ରହିଛି । ଭବିଷ୍ୟତକୁ ଦୃଷ୍ଟିରେ ରଖି

୨୦୩୦ ମସିହା ସୁଦ୍ଧା ରେଳ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଜାତୀୟ ରେଳ ଯୋଜନା ପ୍ରସ୍ତୁତ କରାଯାଇଛି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

**Seba Parba Closing**

BHK

# ରକ୍ତଦାନ ଶିବିର

ଭଦ୍ରକ ଜିଲ୍ଲା କୁଆଁସଠାରେ ସେବାପର୍ବ ପାଳନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଶୀତାଂଶୁ ଶେଖର ମହାପାତ୍ର ଶିବିରରେ ଯୋଗଦେଇଥିଲେ। ଏହି ଅବସରରେ ୧୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

Nabarangpur

# ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବିଜେପି କାର୍ଯ୍ୟାଳୟ ପରିସରରେ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ଆତ୍ମନିର୍ଭରତାକୁ କୃଷି ସମ୍ବନ୍ଧୀୟ ସୁବିଧାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରକାରଙ୍କୁ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା।

Desk

# ବିଶ୍ୱ ହୃତ୍ପିଣ୍ଡ ଦିବସ

ହୃତ୍‌ପିଣ୍ଡର ଯତ୍ନ ଏବଂ ହୃତ୍‌ପିଣ୍ଡ ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ଲାଗି ଆଜି ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ପ୍ରତ୍ୟେକ ହୃଦ୍‌ସ୍ପନ୍ଦନକୁ ହାତଛଡ଼ା କରନ୍ତୁ ନାହିଁ' । ୨୦୦୦ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି । ଉଚ୍ଚରକ୍ତଚାପ, ମଧୁମେହ, ଅତ୍ୟଧିକ କୋଲେଷ୍ଟ୍ରଲ, ମୋଟାପଣ, ମାନସିକ ଦୁଃଶ୍ଚିନ୍ତା, ଧୂମପାନ, କମ୍ ପରିଶ୍ରମ ଏବଂ ବଦଳୁଥିବା ଜୀବନଶୈଳୀ ପାଇଁ ଲୋକମାନେ ହୃଦ୍‌ରୋଗର ଶୀକାର ହେଉଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ହୃତପିଣ୍ଡ ଦିବସରେ କହିଛନ୍ତି, 'ସୁସ୍ଥ ହୃଦୟ ହିଁ ସୁସ୍ଥ ଜୀବନର ଆଧାର'। ଏହି ଦିବସ ସମସ୍ତଙ୍କୁ ସୁସ୍ଥ ଜୀବନଶୈଳୀ ଆପଣାଇବା ସହ ପ୍ରତିଷେଧକ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଗ୍ରହଣ କରିବା ଓ ହୃଦ୍‌ରୋଗ ସମ୍ବନ୍ଧରେ ସଚେତନତା ବୃଦ୍ଧିକୁ ପ୍ରୋତ୍ସାହିତ କରିଥାଏ। ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ ଓ ଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ସହ ଅନେକ ହୃଦ୍‌ଜନିତ ରୋଗକୁ ପ୍ରତିହତ କରାଯାଇପାରିବ ବୋଲି ଶ୍ରୀ ମାଝୀ କହିଛନ୍ତି।

HS

## ପାଣିପାଗ

ଉତ୍ତର-ପଶ୍ଚିମ ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଆସନ୍ତା

୨୪ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ୫ଟି ଜିଲ୍ଲା ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁରରେ ସର୍ବାଧିକ ୭୯ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ବୁଧବାର ୯ ତାରିଖ ଦିନ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ଅନୁମାନ କରାଯାଇଛି ।

**********************************